# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**4 January - 2025**

**News Editor : Tapan Kumar Maharana**

*************************************

## ମୁଖ୍ୟ ସମ୍ବାଦ

- ଗ୍ରାମବାସୀଙ୍କୁ ସମ୍ମାନଜନକ ଭାବେ ଜୀବନ ଅତିବାହିତ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି; କହିଲେ ପ୍ରଧାନମନ୍ତ୍ରୀ
- ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ ପାଇଁ ବସ୍‌ରେ ଇଲେକ୍‌ଟ୍ରୋନିକ୍ସ ସ୍ମାର୍ଟ ଡିଭାଇସ୍ ଲଗାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା
- ଚଳିତ ମାସ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ; କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଇଣ୍ଡିଆନ୍ ସୁପରଲିଗ୍ ଫୁଟବଲ୍ ପ୍ରତିଯୋଗିତା ଓଡ଼ିଶା ଏଫ୍‌ସି ଏବଂ ଏଫ୍‌ସି ଗୋଆ ମଧ୍ୟରେ ହେବ ମୁକାବିଲା

***Desk***

# ପିଏମ୍-ଗ୍ରାମୀଣ ମହୋତ୍ସବ

ଗ୍ରାମବାସୀଙ୍କୁ ସମ୍ମାନଜନକ ଭାବେ ଜୀବନ ଅତିବାହିତ କରିବାର ପ୍ରାଥମିକତା ପ୍ରଦାନ ପାଇଁ ସରକାର  ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀଠାରେ ଆଜି ଗ୍ରାମୀଣ ଭାରତ ମହୋତ୍ସବ ୨୦୨୫କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗ୍ରାମାଞ୍ଚଳକୁ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅଧୀନରେ ୩ ଲକ୍ଷ କୋଟି ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ସମେତ ସରକାରଙ୍କ ସମସ୍ତ ପଦକ୍ଷେପ ଗ୍ରାମାଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ଦେଢ଼ଲକ୍ଷରୁ ଅଧିକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧ୍ୟମରେ ଲୋକମାନେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇପାରୁଛନ୍ତି । ଡିଜିଟାଲ୍ ଜ୍ଞାନକୌଶଳ ସହାୟତାରେ ଦେଶର ଶ୍ରେଷ୍ଠ ଡାକ୍ତର ଏବଂ ହସ୍ପିଟାଲ ଗୁଡ଼ିକ ସହ ଗ୍ରାମାଞ୍ଚଳକୁ ଯୋଡ଼ାଯାଇ ପାରିଛି ।

ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଭାରତମଣ୍ଡପମ୍ ଠାରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଶୀର୍ଷକ ରହିଛି **୨୦୪୭ ବିକଶିତ ଭାରତ ଗଠନ ପାଇଁ ସଶକ୍ତ ଗ୍ରାମୀଣ ବ୍ୟବସ୍ଥା ।**

ଏହି କାର୍ଯ୍ୟକ୍ରମରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଯୋଗ ଦେଇଥିଲେ ।

***BBSR/R***

## ସଡ଼କ ସୁରକ୍ଷା ଅଭିଯାନ

ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ ପାଇଁ ବସ୍‌ରେ ଇଲେକ୍‌ଟ୍ରୋନିକ ସ୍ମାର୍ଟ ଡିଭାଇସ ଲଗାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟ ସଡ଼କ ସୁରକ୍ଷା ମାସ ପାଳନକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ୨୦୦୦ ଟ୍ରାଫିକ କର୍ମଚାରୀ ପଦବୀ ସୃଷ୍ଟି ସହ ଚଳିତ ବର୍ଷ ୫୦୦ ଟ୍ରାଫିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ । ସଚେତନ ନାଗରିକଭାବେ ସମସ୍ତଙ୍କ ସୁରକ୍ଷା ଲାଗି ଟ୍ରାଫିକ ନିୟମ ମାନି ଚଳିବା ପାଇଁ ଉପସ୍ଥିତ ଜନତାଙ୍କୁ ଶ୍ରୀ ମାଝୀ ଶପଥ ପାଠ କରାଇଛନ୍ତି ।

**- V/O -**

ଏହି ଅବସରରେ ଏକ ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକଠାରୁ ରାମମନ୍ଦିର ଯାଏଁ ପରିକ୍ରମା କରିଥିଲା । ଅଭିଯାନରେ ପରିବହନ ବିଭାଗ, ଏନ୍‌ସିସି କ୍ୟାଡେଟ୍, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ଏବଂ କଳାକାରମାନେ

ସାମିଲ ହୋଇଥିଲେ।  କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପରିବହନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

***CTC***

## ହାଇକୋର୍ଟ– ପାନୀୟ ଜଳ ଯୋଗାଣ

ରାଜ୍ୟର ପ୍ରତ୍ୟେକ ଗାଁରେ ପାନୀୟ ଜଳ ଯୋଗାଣ ଏବଂ ବିଦ୍ୟୁତ ସଂଯୋଗର ସ୍ଥିତି ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଆଇନସେବା ପ୍ରାଧିକରଣ ଏ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବେ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓ ଜଷ୍ଟିସ୍ ସାବିତ୍ରୀ ରଥଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଥିବା ବେଳେ ପରବର୍ତ୍ତୀ ଶୁଣାଣି ୯ ତାରିଖକୁ ଧାର୍ଯ୍ୟ ହୋଇଛି। ନୟାଗଡ଼ ଜିଲ୍ଲାର କିଛି ଗ୍ରାମବାସୀ ସେମାନଙ୍କୁ ବିଦ୍ୟୁତ ସଂଯୋଗ ଓ ପାଣି ଯୋଗାଣ ଭଳି ମୌଳିକ ସୁବିଧା ମିଳୁ ନଥିବା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେହି ସୁବିଧା ମିଳିନାହିଁ। ଏହା ବିରୋଧରେ ସେମାନଙ୍କ ପକ୍ଷରୁ ଏକ ବେସରକାରୀ ଅନୁଷ୍ଠାନ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।

***Puri***

## ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠିତ

ପୁରୀରେ ବେଆଇନ୍ ନିର୍ମାଣ ରୋକିବା ନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠିତ ହୋଇଛି । ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ–ପି.କେ.ଡି.ଏ ଓ ପୌରସଂସ୍ଥା ପକ୍ଷରୁ ମିଳିତ ଭାବେ ପୂର୍ବତନ ସେନା କର୍ମଚାରୀମାନଙ୍କୁ ନେଇ ଏହି ସ୍ୱତନ୍ତ୍ର ସ୍କ୍ୱାର୍ଡ ନିର୍ମାଣ କରାଯାଇଛି । ସମୁଦ୍ରକୂଳ ଅଞ୍ଚଳ ଠାରୁ ଆରମ୍ଭ କରି ସହରରେ ଥିବା ସମସ୍ତ ବେଆଇନ୍ ନିର୍ମାଣ ରୋକାଯିବାକୁ ନେଇ ଏହି ଟିମ ପଦକ୍ଷେପ ନେବେ । ଏ ନେଇ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି ।

***BBSR/R***

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ଚଳିତ ମାସ ୧୫ ତାରିଖରେ ମିଳିବା ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ଏହି ଯୋଜନା ଅଧୀନରେ ଗତ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସର୍ଭେ ପାଇଁ ଅବଧି ଧାର୍ଯ୍ୟ ହୋଇଥିଲା ବେଳେ ଏହାକୁ ଜାନୁଆରୀ ୧୫ ତାରିଖ ଯାଏଁ ବୃଦ୍ଧି କରାଯାଇଥିବା ଶ୍ରୀମତୀ ପରିଡ଼ା କହିଛନ୍ତି ।

**- V/O -**

ଆସନ୍ତା ମାର୍ଚ୍ଚ ୩୦ ତାରିଖ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ଆବେଦନ ପରେ ଏକକାଳୀନ ଦୁଇଟି କିସ୍ତି ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବ୍ରେଲି ଡେ

ଦୃଷ୍ଟିହୀନ ଏବଂ ଆଂଶିକ ଦୃଷ୍ଟିଦୋଷ ଥିବା ଲୋକଙ୍କ ପାଇଁ ଯୋଗାଯୋଗର ମାଧ୍ୟମ ଭାବେ ବ୍ରେଲିର ମହତ୍ୱ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରେଲି ର ପ୍ରଚଳନ ସଂପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଉଛି । ବ୍ରେଲି ଲିପିର ଉଦ୍ଭାବକ ଲୁଇସ୍ ବ୍ରେଲିଙ୍କ ଜନ୍ମଦିନକୁ ସ୍ମରଣ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଜାନୁଆରୀ ୪ ତାରିଖକୁ ବିଶ୍ୱ ବ୍ରେଲି ଦିବସ ଭାବେ ପାଳନ କରାଯାଉଛି । ୨୦୧୮ ମସିହାରେ ମିଳିତ ଜାତିସଂଘ ସାଧାରଣସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

***Nayagarh***

## ସମୀକ୍ଷା ବୈଠକ

ନୟାଗଡ଼ ଜିଲ୍ଲାରେ ଗର୍ଭଧାରଣ ସମୟରେ ଲିଙ୍ଗ ନିରୂପଣ ଅଧିନିୟମ ଉପରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ର ସ୍ଥାପନ ପାଇଁ ଆବେଦନ କରୁଥିବା

ୟୁନିଟ୍‌ଗୁଡ଼ିକର ପଞ୍ଜୀକରଣ ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଆଲୋଚନା କରାଯାଇଛି । ଏଥିସହିତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକରେ କାର୍ଯ୍ୟରତ ବ୍ୟକ୍ତିଙ୍କ ସମ୍ପର୍କିତ ପ୍ରମାଣପତ୍ର ଓ ଏ ସମ୍ପର୍କିତ ନିୟମ ଗୁଡ଼ିକୁ ଯାଞ୍ଚ କରିବାକୁ ଗୁରୁତ୍ୱାରୋପ କରାଯାଇଛି ।

***BHK***

## ପାଣି ପଞ୍ଚାୟତ ଦିବସ

ଭଦ୍ରକ ଜିଲ୍ଲା ପ୍ରଶାସନ ଓ ସାଳନ୍ଦୀ କେନାଲ ଡିଭିଜନ ପକ୍ଷରୁ ପାଣି ପଞ୍ଚାୟତ ଦିବସ ଉଦ୍‌ଯାପିତ ହୋଇଯାଇଛି । ଡିଆର୍‌ଡିଏ ସଭାଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ପାଣିପଞ୍ଚାୟତରେ ଜଳ ସଂରକ୍ଷଣ କେନାଲକୁ ଜଳଯୋଗାଣ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ବିଭାଗୀୟ ଅଧିକାରୀଙ୍କୁ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ ।

***CTC***

## ଜଜେସ୍ ବ୍ୟାଡମିଣ୍ଟନ

ପ୍ରଥମ ସର୍ବଭାରତୀୟ ଜଜେସ୍ ବ୍ୟାଡମିଣ୍ଟନ ଚମ୍ପିଆନସିପ୍ ଆଜିଠାରୁ କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି ଦୁଇଦିନିଆ ପ୍ରତିଯୋଗିତାକୁ ପୂର୍ବାହ୍ନ ୧୦ଟାରେ ଓଡ଼ିଶା ହାଇକୋର୍ଟର

ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ପଞ୍ଜାବ ଓ ହରିୟାଣା, ମାଡ୍ରାସ, କେରଳ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ହାଇକୋର୍ଟ, ବହୁ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ବିଚାରପତିଙ୍କ ସମେତ ଅବସରପ୍ରାପ୍ତ ବିଚାରପତି ଭାଗ ନେଇଛନ୍ତି । ଏହି ଚମ୍ପିଆନସିପ୍‌ର ଆସନ୍ତାକାଲି ଉଦ୍‌ଯାପନ ସହ ପୁରସ୍କାର ବିତରଣ କରାଯିବ ।

***Desk***

## ବଜେଟ୍ ପ୍ରସ୍ତୁତି

୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ପକ୍ଷରୁ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ନିଜ ମତାମତ ପଠାଇ ରାଜ୍ୟ ସରକାରଙ୍କ ବଜେଟ୍ ପ୍ରସ୍ତୁତି କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିବାକୁ ବିଭାଗ ଅନୁରୋଧ କରିଛି । ସାଧାରଣ ନାଗରିକ, ସମାଜ, ବିଭିନ୍ନ ସଂଘ ଓ ଅନ୍ୟାନ୍ୟ ହିତାଧିକାରୀମାନେ ନିଜର ପରାମର୍ଶଗୁଡ଼ିକୁ ଇମେଲ୍ ଜରିଆରେ odisha.budget@gov.in ରେ ପଠାଇପାରିବେ । ସେହିପରି ବଜେଟ୍ ସମ୍ବନ୍ଧୀୟ ମତାମତକୁ ହ୍ୱାଟ୍‌ସଆପ ନମ୍ବର-୯୪୩୮୧୬୧୧୧ ଓ ଅର୍ଥ ବିଭାଗର ସାମାଜିକ ଗଣମାଧ୍ୟମ ଆକାଉଣ୍ଟ

ଦ୍ୱାରା ପଠାଇପାରିବେ । ଏଥିରେ ସର୍ବାଧିକ ୫୦୦ ଶବ୍ଦରେ ରାଜସ୍ୱ, ବ୍ୟୟ ଓ ଅନ୍ୟାନ୍ୟ ଭଳି ତିନୋଟି ବର୍ଗରେ ନିଜର ମତାମତ ଦେଇପାରିବେ ।

***Desk***

# ଫୁଟବଲ

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟବଲ ପ୍ରତିଯୋଗିତାରେ ଆଜି ଭୁବନେଶ୍ୱରଠାରେ ଓଡ଼ିଶା ଏଫ୍‌ସି ଏବଂ ଏଫ୍‌ସି ଗୋଆ ମଧ୍ୟରେ ମୁକାବିଲା ହେବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅପରାହ୍ନ ୫ଟାରେ ଏହି ମ୍ୟାଚ୍ ଖେଳାଯିବ । ଚେନ୍ନାଇଠାରେ ଆଜିର ଦ୍ୱିତୀୟ ମ୍ୟାଚ୍ ଜାମସେଦପୁର ଏଫ୍‌ସି ଏବଂ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ ।

***Desk***

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚ୍‌ଟି ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ଶ୍ରଚୀ ରାଢ଼ା ବେଙ୍ଗଲ ଟାଇଗର୍ସ ମଧ୍ୟରେ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ ତୁଫାନ୍ସ ଏବଂ ଗୋନାସିକା ଦଳ ପରସ୍ପରକୁ ଭେଟିବେ ।

*Desk*

# ପାଣିପାଗ

ରାଜ୍ୟରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ପ୍ରବଳ ଶୀତ ଜାରି ରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ ସୂଚନା ଅନୁଯାୟୀ ସୋମବାରଠାରୁ ଶୀତ ପ୍ରକୋପ ହ୍ରାସ ପାଇବ । ଉତ୍ତର-ପଶ୍ଚିମ ଭାଗରେ ଏକ ପଶ୍ଚିମାଝଡ଼ ସକ୍ରିୟ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ଦୁର୍ବଳ ହେବ। ଏଥିସହ ପୂର୍ବ ଦିଗରେ ଉଷ୍ମ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ରାଜ୍ୟକୁ ପ୍ରବାହିତ ହେବ। ଫଳରେ ରାଜ୍ୟରେ ଜାରି ରହିଥିବା ଶୀତର ପ୍ରଭାବ ଅପେକ୍ଷାକୃତ ହ୍ରାସ ପାଇବ ବୋଲି ପାଣିପାଗ ବୈଜ୍ଞାନିକ ଉମାଶଙ୍କର ଦାସ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ପାଗ ଶୁଖିଲା ରହିବା ସହ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ, ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ହେବ। ଗତ ୨୪ ଘଣ୍ଟା ମଧ୍ୟରେ ରାତିର ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୭ ଦଶମିକ ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

********************************